# ସୌରା ଭାଷାରେ କବିତା ପାଠ କଲେ ଗୁଣପୁରର ଗାଗାରିନ

## ଭୋପାଳରେ ଅନ୍ତର୍ଜାତୀୟ ସାହିତ୍ୟ ଉତ୍ସବ

ଗୁଣପୁର,୭।୮ (ପ୍ରଦୀପ କୁମାର ପାଢୀ)

ମଧ୍ୟପ୍ରଦେଶର ଭୋପାଳଠାରେ ଗତ ୩ ରୁ ୬ ତାରିଖ ପର୍ଯ୍ୟନ୍ତ 'ଅନ୍ତର୍ଜାତୀୟ ସାହିତ୍ୟ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ୩ ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ ଛତିଶଗଡ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଏବଂ ଅନ୍ୟ କେତେକ ରାଜ୍ୟର ରାଜ୍ୟପାଳମାନେ ଯୋଗ ଦେଇଥିଲେ। ପ୍ରତ୍ୟେକ ଅଞ୍ଚଳର




ବିଭିନ୍ନ ଅଞ୍ଚଳର ସାହିତ୍ୟକାରଙ୍କ ସହ ଗାଗାରିନ

ବିଭିନ୍ନ ଭାଷାକୁ ନେଇ କବିଙ୍କ ଦ୍ୱାରା କବିତା ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାୟଗଡା ଜିଲା ଗୁଣପୁର ବ୍ଲକ ଘନାନ୍ତ୍ରୀ ଅଞ୍ଚଳର ତଥା ଅଲ ଇଣ୍ଡିଆ ରେଡ଼ିଓ ଷ୍ଟେଶନ ଜୟପୁରରସୌରା ଭାଷା ବିଭାଗର କମ୍ପେରିଂ,ରାୟଗଡା ଜିଲା ଶିଶୁ ମଙ୍ଗଳ କମିଟିର ସଭ୍ୟ ଏବଂ ଆଇନଜୀବୀ ଗାଗାରିନ ଶବର ଯୋଗଦେଇ ସୌରା ଭାଷାରେ କବିତା ପାଠ କରିଥିଲେ। ଏହିକାର୍ଯ୍ୟକ୍ରମରେ ୧୦୩ ଭାଷା ଓ ୫୧୦ ରାଜ୍ୟର ୫୭୫ଜଣ ଅଂଶ ଗ୍ରହଣ କରିଥିଲେ। ଭାରତ ସାହିତ୍ୟ ଓ ସାଂସ୍କୃତିକ ଏକାଡମୀ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ।